# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 05th September - 2026

**********************************

***Desk***

# ଗୁରୁଦିବସ

ଭାରତବର୍ଷରେ ଗୁରୁଶିଷ୍ୟ ପରମ୍ପରା ତଥା ଗୁରୁଙ୍କ ମହତ୍ତ୍ୱକୁ  ଉଜ୍ଜୀବିତ ରଖିବା ପାଇଁ ଆଜିର ଦିନକୁ ଗୁରୁଦିବସ ଭାବେ ପାଳନ କରାଯାଉଛି । ଦେଶର ଦ୍ୱିତୀୟ ରାଷ୍ଟ୍ରପତି, ରାଷ୍ଟ୍ରନୀତିଜ୍ଞ, ଶିକ୍ଷାବିତ୍ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୟନ୍ତୀରେ ଏହି ଦିବସ ପାଳନ କରାଯାଉଛି । ଡକ୍ଟର ରାଧାକ୍ରିଷ୍ଣନ ୧୮୮୮ ମସିହା ସେପ୍ଟେମ୍ବର ୫ ତାରିଖରେ ତାମିଲନାଡୁର ତିରୁତ୍ତନୀଠାରେ ଜନ୍ମଗ୍ରହଣ କରିଥିଲେ ।  ଶିକ୍ଷା ପ୍ରତି ଥିବା ତାଙ୍କର ଅବଦାନକୁ ମନେ ରଖିବା ପାଇଁ ଗୁରୁ ଦିବସ ପାଳନ କରାଯାଏ ।

ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୮୨ ଜଣ ଶିକ୍ଷକଙ୍କୁ ଆଜି ଜାତୀୟ ଶିକ୍ଷକ ପୁରସ୍କାର ପ୍ରଦାନ କରିବେ । ଏଥିରେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟର ଶିକ୍ଷକ ମହମ୍ମଦ ଜାଫର ଆଲମ୍ ଏବଂ ଜଗତସିଂହପୁର ଆଳିପିଙ୍ଗଳ ସରକାରୀ ଉଚ୍ଚବିଦ୍ୟାଳୟର ଶିକ୍ଷକ ପଦରାଜ ଉମାକାନ୍ତ ନାୟକ ସମ୍ମାନିତ ହେବେ ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗୁରୁଦିବସ ଅବସରରେ ଶିକ୍ଷକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

***BBSR/R***

# ରାଜ୍ୟପାଳ – ରାଷ୍ଟ୍ରପତି

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି ଗତକାଲି ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ୍ କରିଛନ୍ତି । ଏହି ସମୟରେ ରାଜ୍ୟପାଳ ଓଡ଼ିଶାର ବିକାଶ, ନାଗରିକ କଲ୍ୟାଣ ଏବଂ ରାଜ୍ୟ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନେଇ ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିଛନ୍ତି । ରାଜ୍ୟପାଳ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାକୁ ନୂଆଦିଲ୍ଲୀ ଗସ୍ତରେ ଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

***Desk***

# ନିଶାମୁକ୍ତ ଓଡ଼ିଶା

୨୦୨୯ ମସିହା ସୁଦ୍ଧା ଓଡ଼ିଶାକୁ ନିଶାମୁକ୍ତ କରିବାପାଇଁ ସରକାର ସଙ୍କଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ୍ ଏକାଡେମୀଠାରେ ୧୩ତମ ବ୍ୟାଚ୍ କ୍ୟାଡେଟ୍ ସବ୍-ଇନ୍ସପେକ୍ଟରମାନଙ୍କ ଦୀକ୍ଷାନ୍ତ ସମାରୋହରେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି, ଗତ ୨ ବର୍ଷ ମଧ୍ୟରେ ପୁଲିସ୍ ବିଭାଗରେ ୧୭ ହଜାର ୭୯୪ଟି

ନୂତନ ପଦବି ସୃଷ୍ଟି କରାଯିବା ସହ ୫ ହଜାର ୮୧୭ଟି ପଦବି ପୂରଣ କରାଯାଇଛି । ମୁଖ୍ୟମନ୍ତ୍ରୀ ଏହି ଅବସରରେ ପୁଲିସ ବାହିନୀକୁ ଅଧିକ କ୍ରିୟାଶୀଳ କରିବାପାଇଁ ସ୍ମାର୍ଟ-ପୁଲିସିଂ ଉପରେ ଗୁରୁତ୍ୱ ଦେଇଛନ୍ତି ।

***Desk***

# ବି.ଜେ.ପି. କାର୍ଯ୍ୟକାରିଣୀ ବୈଠକ

କଟକସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ଆଜିଠାରୁ ବି.ଜେ.ପି.ର ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ। ବୈଠକରେ ଦଳର ସାମ୍ପ୍ରତିକ ସ୍ଥିତି, ସାଙ୍ଗଠନିକ ଦକ୍ଷତା ଓ ସରକାରୀ ଯୋଜନାର ଫଳପ୍ରଦ ରୂପାୟନ ସମ୍ପର୍କରେ ଆଲୋଚନା ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟ, ସମସ୍ତ ସାଂସଦ, ବିଧାୟକ, ରାଜ୍ୟ ପଦାଧିକାରୀ, ଦଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ, ରାଜ୍ୟ ପ୍ରଭାରୀଙ୍କ ସମେତ ଅନ୍ୟ ଶୀର୍ଷ ନେତୃତ୍ୱ ଯୋଗଦେବେ ବୋଲି ଜଣାପଡ଼ିଛି।

***Desk***

# ସ୍ଥାୟୀ କମିଟି

ଓଡ଼ିଶା ବିଧାନସଭାର ବିଭାଗୀୟ ସ୍ଥାୟୀ କମିଟି-୩ର ଅଧ୍ୟକ୍ଷ ବାବୁ ସିଂହଙ୍କ ନେତୃତ୍ୱରେ ଉତ୍ତର ପ୍ରଦେଶ ଗସ୍ତରେ ଯାଇଥିବା ବିଧାୟକମାନେ

ଉତ୍ତର ପ୍ରଦେଶ ରାଜ୍ୟ ବିଧାନସଭା ବୁଲି ଦେଖିବା ସହ ବିଧାନସଭା ପରିଚାଳନା, ସ୍ଥାୟୀ କମିଟି ଗଠନ, ଇ-ବିଧାନ ସିଷ୍ଟମ୍‌ର ଉପଯୋଗ ଆଦି ସମ୍ପର୍କରେ ଅବଗତ ହୋଇଥିଲେ ।

***Desk***

# ଉଚ୍ଚଶିକ୍ଷା - ବୁଝାମଣାପତ୍ର

ଉଚ୍ଚଶିକ୍ଷା ବିଭାଗ ଓ ବିଭିନ୍ନ ସଂସ୍ଥା ମଧ୍ୟରେ ଆଜି ୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହେବ । ଏହାସହ ସମସ୍ତଙ୍କପାଇଁ କୃତ୍ରିମ ବୁଦ୍ଧିମତ୍ତା, କୋଶ୍ଚିନ୍ ବ୍ୟାଙ୍କ୍ ପୋର୍ଟାଲ୍ ଆଦିର ଶୁଭାରମ୍ଭ ହେବ । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେବେ ।

***Puri, Kendrapada/R***

# ନନ୍ଦୋତ୍ସବ

ପୁରୀ ଶ୍ରୀମନ୍ଦିରରେ ଆଜି ନନ୍ଦୋତ୍ସବ ନୀତି ପାଳିତ ହେବ । ଶ୍ରୀଜିଉମାନଙ୍କ ମଙ୍ଗଳ ଆଳତି ନୀତି ଶେଷ ହେବା ପରେ ମହାଜନ ସେବାୟତ' ରାମକୃଷ୍ଣଙ୍କୁ ଆଣି ଜଗମୋହନ ଦୋଳିରେ ଓ ଦକ୍ଷିଣଘରୁ ମଦନମୋହନଙ୍କୁ ଦୋଳିରେ ବିଜେ କରାଇବେ । ମଇଲମ ଓ ଅନ୍ୟାନ୍ୟ ନୀତି ପରେ ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ନିକଟରେ ଷଠି ଓ ମାର୍କଣ୍ଡୀ ପୂଜା

ଆଦି ନୀତି ଅନୁଷ୍ଠିତ ହେବ । ଭିତରଛ ମହାପାତ୍ର ନନ୍ଦରାଜା ରୂପରେ ସ୍ନାନମଣ୍ଡପ ଉପରେ ବସିବେ ଏବଂ ଭରତିଆ ଗୌଡ଼ ପୁତ୍ର ଜନ୍ମହେବା ଖବର ନନ୍ଦରାଜାଙ୍କୁ ଦେବେ ।

ସେହିପରି କେନ୍ଦ୍ରାପଡ଼ା ତୁଳସୀ କ୍ଷେତ୍ରର ଶ୍ରୀବଳଦେବଜିଉ ମନ୍ଦିରରେ ଶ୍ରୀକୃଷ୍ଣଙ୍କ ଜନ୍ମନୀତି ପାଳିତ ହେବା ପରେ ଆଜି ସନ୍ଧ୍ୟାରେ ବାଳଗୋପାଳଙ୍କ ଯମୁନାସ୍ନାନ ନୀତି ଅନୁଷ୍ଠିତ ହେବ ।

***Desk***

# ଏଲ୍.ଏଚ୍.ବି. କୋଚ୍

ଯାତ୍ରୀଙ୍କ ସୁରକ୍ଷାପାଇଁ ପୂର୍ବତଟ ରେଳପଥ ପକ୍ଷରୁ ପୁରୀ-ପାଟନା-ପୁରୀ ଏକ୍ସପ୍ରେସ୍‌ରେ ଆଧୁନିକ ଏଲ୍.ଏଚ୍.ବି. କୋଚ୍ ପ୍ରଚଳନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏହି ଟ୍ରେନ୍‌ରେ ଏଲ୍.ଏଚ୍.ବି. କୋଚ୍ ସଂଯୋଗ କରାଯାଇ ଆଜି ପୁରୀରୁ ଏବଂ ଆସନ୍ତାକାଲି ପାଟନାରୁ ଚଳାଚଳ କରିବ ।

***Desk***

# ପାରା-ଭଲିବଲ୍

ଭୁବନେଶ୍ୱର ନୂଆପଲ୍ଲୀସ୍ଥିତ ଇଣ୍ଡୋର୍ ଷ୍ଟାଡିୟମ୍‌ରେ ରାଜ୍ୟ ପାରା-ଭଲିବଲ୍ ପ୍ରତିଯୋଗିତା ଆରମ୍ଭ ହୋଇଛି । ଆସନ୍ତାକାଲି ପର୍ଯ୍ୟନ୍ତ ଚାଲିବାକୁ

ଥିବା ଏହି ପ୍ରତିଯୋଗିତାରେ ୧୮ଟି ଜିଲ୍ଲାର ୧୫୦ରୁ ଊର୍ଦ୍ଧ୍ୱ ପାରା-କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଛନ୍ତି ।

***Desk***

# ପାଣିପାଗ

ରାଜ୍ୟରେ ଲଘୁଚାପଜନିତ ବର୍ଷା ପରେ ବିଭିନ୍ନ ସ୍ଥାନରେ ଆର୍ଦ୍ରତା ଓ ଗରମ ଅନୁଭୂତ ହେଉଥିବା ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି । ଗତକାଲି ୧୧ଟି ସ୍ଥାନର ତାପମାତ୍ରା ୩୩ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରେକର୍ଡ଼ କରାଯାଇଥିଲା । ଆସନ୍ତା ବୁଧବାର ପର୍ଯ୍ୟନ୍ତ ଏହିଭଳି ସ୍ଥିତି ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।

*****